**ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା**

ବୁଗୁଡ଼ା,(ଡି.ଏନ.ଏ.): ବୁଗୁଡ଼ା ସହର ଅରବିନ୍ଦ ନଗର ୪ର୍ଥ ଗଳିରେ ଶୁକ୍ରବାର ରାତିରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛି। ସେ ହେଲେ ଜିତେନ୍ କୁମାର ସାହୁ (୩୫)। ପାରିବାରିକ ଅଶାନ୍ତି କାରଣରୁ ଜିତେନ୍ ଘର ଛାତରେ ଥିବା ଫ୍ୟାନରେ ରଶି ଲଗାଇ ଝୁଲି ପଡ଼ିଥିଲେ। ପରିବାର ଲୋକଙ୍କଠାରୁ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ମେଡିକାଲକୁ ଆଣିଥିଲେ। ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହକୁ ଜବତ କରି ଶନିବାର ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ନଂ. ୨୯/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଆଇଆଇସି ଚିତ୍ତରଞ୍ଜନ ବେହେରା କହିଛନ୍ତି।

## ସଂକ୍ଷେପରେ

### ସ୍କୁଟିକୁ ଧକ୍କା ଦେଲା କାର ବୋହୂ ମୃତ: ଜେଜେ, ନାତୁଣୀ ଗୁରୁତର

**ଗଞ୍ଜାମ,୧୯।୧୧(ଡି.ଏନ୍.ଏ.):** ଗଞ୍ଜାମ ଜିଲା ରମ୍ଭା ଥାନା ଜାତୀୟ ରାଜପଥ ନଂ.୧୬ ନିକଟ ଏକ ଢାବା ପାଖରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ସ୍କୁଟି ପଛପଟୁ ଏକ କାର୍ ଧକ୍କା ଦେବାରୁ ବୋହୂଙ୍କ ମୃତ୍ୟୁ ଘଟିଥିବା ବେଳେ ଜେଜେ ନାତୁଣୀ ଗୁରୁତର ହୋଇଛନ୍ତି। ମୃତକ ହେଲେ ରମ୍ଭା ଟିକରପଡା ଗ୍ରାମର ବେବି ସେଠୀ। ବେବି ଝିଅର ଚିକିତ୍ସା ନିମନ୍ତେ ଶ୍ୱଶୁରଙ୍କ ସହ ସ୍କୁଟିରେ ରମ୍ଭାରୁ ଲକ୍ଷ୍ମୀପୁର ଅଭିମୁଖେ ଯାଉଥିବା ବେଳେ ଢାବା ନିକଟରେ ପଛପଟୁ ଏକ କାର ଧକ୍କା ଦେଇଥିଲା। ଘଟଣାସ୍ଥଳରେ ବୋହୂଙ୍କ ମୃତ୍ୟୁ ଘଟିଥିବା ବେଳେ ଗୁରୁତର ଅବସ୍ଥାରେ ଶ୍ୱଶୁର ଏବଂ ନାତୁଣୀଙ୍କୁ ପ୍ରଥମେ ଛତ୍ରପୁର ଏବଂ ପରେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାଗ୍ରସ୍ତ ସ୍କୁଟି ଓ କାର ସମେତ ଚାଳକ ଅଟକ ଥିବା ଜଣାପଡିଛି।

### ଦୋକାନରେ ପଶିଲା କାର୍, ୩ ଛାତ୍ରୀ ଆହତ

**ପୁରୁଷୋତ୍ତମପୁର, ୧୯।୧୧ (ଡି.ଏନ୍.ଏ.):** ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ବ୍ରହ୍ମପୁର-ପୁରୁଷୋତ୍ତମପୁର ମୁଖ୍ୟ ରାସ୍ତାର ଭାବନ୍ଧ ଛକଠାରେ ଏକ କାର ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଏକ ପାନ ଦୋକାନ ଭିତରକୁ ପଶିଯାଇଛି। ଏହି ସମୟରେ ବସ୍‌ରୁ ଓହ୍ଲାଇ ଦୋକାନ ସମ୍ମୁଖରେ ଠିଆ ହୋଇଥିବା ୩ଜଣ ଛାତ୍ରୀଙ୍କୁ ଧକ୍କା ଦେଥଇଥିଲା। ସେମାନେ ହେଲେ କ୍ଷେତ୍ରମୋହନ ବିଜ୍ଞାନ କଲେଜର ଛାତ୍ରୀ ସୁମିତ୍ରା ସାମଲ, ଇତିଶ୍ରୀ ପ୍ରଧାନ, ହନ୍ତସ ଗ୍ରାମର ଶୁଭଶ୍ରୀ ନାହାକ । ଫଳରେ ସମସ୍ତ ଛାତ୍ରୀ ଗୁରୁତର ହୋଇଛନ୍ତି। ଉପସ୍ଥିତ ଲୋକେ ଘଟଣାସ୍ଥଳରୁ ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଭାଟକୁମରଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଖବର ପାଇ ପୁରୁଷୋତ୍ତମପୁର ପୋଲିସ ଘଟଣାସ୍ଥଳକୁ ଯାଇ ଗାଡିକୁ ଜବତ କରି ଘଟଣାର ଅନୁଧ୍ୟାନ କରିଛି।

# ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପୁଣି ରାଗିଂ

- ଆଣ୍ଟିରାଗିଂ ସେଲ୍ କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ
- ନିଜ ଉପରୁ ଦାୟିତ୍ୱ ହଠାଇ ଅଧ୍ୟକ୍ଷ ଚୁପ୍

**ବ୍ରହ୍ମପୁର ଅଫିସ,୧୯।୧୧**

ଗଞ୍ଜାମ ଜିଲା ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ପୁଣିଥରେ ଛାତ୍ରୀଙ୍କୁ ରାଗିଂ କରାଯିବା ଭଳି ଘଟଣା ଦୃଷ୍ଟିକୁ ଆସିଛି। ଜନୈକା ଛାତ୍ରୀଙ୍କୁ ଉକ୍ତ ଶିକ୍ଷାନୁଷ୍ଠାର ଯୁକ୍ତ ୨ ଦ୍ୱିତୀୟ ବର୍ଷର କେତେଜଣ ଛାତ୍ର ଅଶ୍ଳୀଳ ଭାଷାରେ ଗାଳିଗୁଲଜ, ଖରାପ ଇଙ୍ଗିତ ଓ ଟଣାଓଟରା କରିଥିବା ନେଇ ଅଧ୍ୟକ୍ଷଙ୍କ ନିକଟରେ ଅଭିଯୋଗ ହୋଇଛି। ଛାତ୍ରୀଙ୍କୁ କ୍ୟାମ୍ପସ ପରିସରରେ ଦୁର୍ବ୍ୟବହାର କରାଯାଉଥିଲେ ହେଁ ସମ୍ପୃକ୍ତ ଛାତ୍ରଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଏଥିଯୋଗୁ ଛାତ୍ରୀମାନେ ନିଜକୁ ଅସୁରକ୍ଷିତ ମନେକରୁଛନ୍ତି। ତାଙ୍କ ପାଠପଢ଼ା ଯେପରି ବ୍ୟାହତ ନ ହେବ ସେଥି ନିମନ୍ତେ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କୁ ଛାତ୍ରୀ ଜଣକ ନିବେଦନ କରିଛନ୍ତି। ଏନେଇ ଅଧ୍ୟକ୍ଷ ରାଧାକାନ୍ତ ନାୟକଙ୍କୁ ପଚାରିବାରୁ, ଗତ ୬ ଦିନ ପୂର୍ବରୁ ଜଣେ ଛାତ୍ରୀ ମୌଖିକ ଭାବେ ତାଙ୍କ ସହ ରାଗିଂ ହେଉଥିବା ନେଇ ଅଭିଯୋଗ କରି ଶନିବାର ଲିଖିତ ଭାବେ ଜଣାଇଛନ୍ତି। ଏହାର ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଆଣ୍ଟିରାଗିଂ କମିଟିକୁ ଅଭିଯୋଗ ହସ୍ତାନ୍ତର କରିଥିବା ଅଧ୍ୟକ୍ଷ ନାୟକ କହିଛନ୍ତି।

ଅଧ୍ୟକ୍ଷଙ୍କଠାରୁ ମିଳିଥିବା ସୂଚନା ଅନୁସାରେ, ଦୀର୍ଘ ୨ ମାସ ମଧ୍ୟରେ ବାରମ୍ବାର ଦ୍ୱିତୀୟ ବର୍ଷ ଛାତ୍ରମାନେ କ୍ୟାମ୍ପସ୍ ପରିସରରେ ଏଭଳି ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରୁଥିବା ଅଭିଯୋଗ ହୋଇଛି। ଏଥିରେ କେତେକ ଛାତ୍ରଙ୍କୁ ଚିହ୍ନଟ କରାଯାଇ ତାଙ୍କ ଅଭିଭାବକଙ୍କୁ ଡ଼କାଯାଇଥିବାବେଳେ କେତେଜଣ ଅଭିଭାବକ ଶିକ୍ଷାନୁଷ୍ଠାନକୁ ଆସି ନ ଥିଲେ। କେତେଜଣ ବିଶୃଙ୍ଖଳିତ ଛାତ୍ର ନିଜ ଅଭିଭାବକଙ୍କ ସହ ମଧ୍ୟ ଏଭଳି ଆଚରଣ କରୁଥିବା ଦେଖାଯାଇଥିଲା। ସେହିପରି ୬ ଦିନ ପୂର୍ବେ ମଧ୍ୟ ଶିକ୍ଷାନୁଷ୍ଠାନ ପରିସରରେ କେତେଜଣ ଛାତ୍ର ବାଣ ଫୁଟାଇବା ସହ ନୂତନ ଭାବେ ନିଯୁକ୍ତ ହୋଇଥିବା ଅତିଥି ଅଧ୍ୟାପିକାଙ୍କୁ ଅଶ୍ଳୀଳ ଇଙ୍ଗିତ କରୁଥିବା ଅଭିଯୋଗ ହୋଇଥିଲା। ଏନେଇ ପ୍ରଥମେ ଟାଉନ ଥାନା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଯାଇଥିଲା। ବିଶୃଙ୍ଖଳିତ ଆଚରଣ କରୁଥିବା ଛାତ୍ରଙ୍କୁ ଚେତାବନୀ ଦେବା, ସେମାନଙ୍କ ଅଭିଭାବକଙ୍କୁ ନୋଟିସ କରି ଆଲୋଚନା କରିବା ସତ୍ତ୍ୱେ ଯଦି ଏଥିରେ ପରିବର୍ତ୍ତନ ନ ହୁଏ, ତେବେ ସେମାନଙ୍କୁ ଟିସି ଦେଇ ଶିକ୍ଷାନୁଷ୍ଠାନରୁ ବହିଷ୍କୃତ କରିବା ନିମନ୍ତେ କୁହାଯାଇଥିଲା, ଯାହାକୁ ଅଧ୍ୟକ୍ଷ ଆଣ୍ଟିରାଗିଂ କମିଟିକୁ ପଠାଇ ଦେଇଥିଲେ। ଆଜି ପର୍ଯ୍ୟନ୍ତ ଉକ୍ତ କମିଟି ସମ୍ପୃକ୍ତ ବିଶୃଙ୍ଖଳିତ ଛାତ୍ରଙ୍କ ବିରୋଧ କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହାନ୍ତି। ଆଣ୍ଟିରାଗିଂ କମିଟିର କାର୍ଯ୍ୟାନୁଷ୍ଠାନକୁ ନେଇ ଅଙ୍ଗୁଳି ଉଠିଛି। ଏଠାକୁ ପଢ଼ିବାକୁ ଆସୁଥିବା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରକାଶଯେ, ପୂର୍ବରୁ ସହରର ଅନ୍ୟଏକ ପୁରାତନ ମହାବିଦ୍ୟାଳୟରେ ଜଣେ ଛାତ୍ରୀଙ୍କୁ ଅସଦାଚରଣ ସହ ରାଗିଂ କରାଯାଇଥିଲା। ଉକ୍ତ ଘଟଣାରେ ସମ୍ପୃକ୍ତ ଥିବା ୧୨ଜଣ ବିଦ୍ୟାର୍ଥୀଙ୍କୁ ବାଧ୍ୟତାମୂଳକ ଟିସି ଦେଇ ଶିକ୍ଷାନୁଷ୍ଠାନରୁ ବିତାଡ଼ିତ କରାଯାଇଥିଲା।

# ବିଭାଗୀୟ ତଦନ୍ତ ଆରମ୍ଭ

## ଏମ୍‌କେସିଜିରୁ ଔଷଧ ଗାଏବ ଘଟଣା

**ବ୍ରହ୍ମପୁର ଅଫିସ,୧୯।୧୧**

ବ୍ରହ୍ମପୁର ବଡ ମେଡିକାଲରୁ ଔଷଧ ଚୋରି ଘଟଣାକୁ ନେଇ ପୋଲିସ ମାମଲା ରୁଜୁକରି ତଦନ୍ତ କରୁଛି। ଅନ୍ୟପଟେ ମେଡିକାଲ କର୍ତ୍ତୃପକ୍ଷ ମଧ୍ୟ ଏହାର ତଦନ୍ତ ଆରମ୍ଭ କରିଛନ୍ତି ବୋଲି ଏମ୍‌କେସିଜି ଉପ ଅଧୀକ୍ଷକ ଡା. କିରଣ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି। ଏକ କମିଟି ଜରିଆରେ ଘଟଣାର ବିଭାଗୀୟ ତଦନ୍ତ କରାଯାଉଛି। କିଭଳି ଓ କେଉଁ ପରିସ୍ଥିତିରେ ଔଷଧ ଚୋରି ହେଲା ସେ ନେଇ ତଦନ୍ତ ଚାଲିଛି। ଏହି କାରବାର ପଛରେ ମେଡିକାଲର ଜଣେ ଆଟେଣ୍ଡାଣ୍ଟଙ୍କ ସମ୍ପୃକ୍ତି ନେଇ ପ୍ରମାଣ ମିଳିବା ପରେ ତାଙ୍କୁ ନିଲମ୍ବନ କରାଯାଇଛି। ଏହି ଘଟଣାରେ ଆଉ କେଉଁମାନଙ୍କ ସମ୍ପୃକ୍ତି ରହିଛି ତାହା ଖୋଜି ବାହାର କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି। ରୋଗୀଙ୍କ ପାଇଁ ଆସିଥିବା ଔଷଧ ଭର୍ତ୍ତି ଦୁଇଟି ବଡ଼ ପଲିଥିନ୍ ଗାଏବ ହେବା ପରେ ମଧ୍ୟ ଏମ୍‌କେସିଜିର କେଣସି କର୍ମଚାରୀ ଏନେଇ ଅଭିଯୋଗ କରିନାହାନ୍ତି। ଏଣୁ କର୍ମଚାରୀଙ୍କ ଭୂମିକାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଗତ ୧୪ତାରିଖରେ ଚୋରି ଘଟଣା ଜଣାପଡ଼ିବା ପରେ ଡାକ୍ତରଖାନା କର୍ତ୍ତୃପକ୍ଷ ବେଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ କ୍ରମେ ପୋଲିସ ସିସି କ୍ୟାମେରା ଫୁଟେଜକୁ ଆଧାର କରି ଆଟେଣ୍ଡାଣ୍ଟ ମିଟୁ ଦଳବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। କିନ୍ତୁ ଏହି ରାକେଟ୍ ପଛରେ ଆଉ କେଉଁମାନଙ୍କ ସମ୍ପୃକ୍ତି ରହିଛି ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନାହିଁ। ମିଟୁ ଏହି ଔଷଧ କେଉଁ ନର୍ସିଂହୋମରେ ବିକ୍ରି କରୁଥିଲେ ପୋଲିସ ସେ ଦିଗରେ ତଦନ୍ତ ଜାରି ରଖିଛି।

# ଲୋନ ନାଁରେ ମହିଳାଙ୍କୁ ଲୁଟ୍, ଅଭିଯୁକ୍ତ ଗିରଫ

**ବେଗୁନିଆପଡ଼ା,୧୯।୧୧**

ଲୋନ୍ କରାଇଦେବା ନାମରେ ଠକାମି କରି ନୀରିହ ଲୋକଙ୍କଠାରୁ ଲୁଟୁଥିବା ଜଣେ ଅଭିଯୁକ୍ତଙ୍କୁ କୋଦଳା ପୋଲିସ ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଜ୍ଞାନ ରଞ୍ଜନ ଦାସ (୫୪)। ଲୋନ୍ କରାଇଦେବି କହି ଠକାମି କରି ନୀରିହ ଲୋକଙ୍କୁ ଠକୁଥିବା ଅଭିଯୋଗ ହୋଇଛି। ଏଥିପାଇଁ ସେ ବିଭିନ୍ନ ପ୍ରକାରର ଫର୍ମୁଲା ଆପଣାଉଥିଲେ। ଲୋନ୍ କରାଇଦେବା ନାମରେ ଗରିବ ନିରୀହ ଲୋକଙ୍କ ଠାରୁ ପ୍ରଥମେ ଅଗ୍ରିମ ଟଙ୍କା ନେଇ ଚମ୍ପଟ ମାରୁଥିଲେ। ଯାହାର ଟଙ୍କା ନ ଥିବ ସୁନା ବ୍ୟାଙ୍କରେ ବନ୍ଧକ ରଖିବେ ବୋଲି କହି ଲୋକଙ୍କୁ ବ୍ୟାଙ୍କକୁ ନେଉଥିଲେ। ଆଉ ସେଠାରୁ କୌଶଳକ୍ରମେ ସୁନା ନେଇ ଚମ୍ପଟ ମାରୁଥିଲେ ଅଭିଯୁକ୍ତ। ଏହାର ସୁରାକ୍ ସିସିଟିଭି ଫୁଟେଜରୁ ପାଇଥିଲା ପୋଲିସ। ଅଭିଯୁକ୍ତଙ୍କ ନାମରେ ଗଞ୍ଜାମ ଜିଲାର ଛତ୍ରପୁର, ପୋଲସରା ଓ କୋଦଳା ଥାନାରେ ୮ ଟି ମାମଲା ରହିଛି। ଅଭିଯୁକ୍ତଙ୍କଠାରୁ ପ୍ରାୟ ୨୦ ଲକ୍ଷ ଟଙ୍କାର ବିଭିନ୍ନ ପ୍ରକାରର ସୁନା ଓ ରୂପା ଅଳଙ୍କାର ସହିତ ନଗଦ ୪୪୦୦ ଟଙ୍କା ଜବତ ହୋଇଥିବା ନେଇ ଶନିବାର କୋଦଳା ଥାନାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏସଡିପିଓ ରଜନୀକାନ୍ତ ସାମଲ ସୂଚନା ଦେଇଛନ୍ତି। ଏ ନେଇ କୋଦଳା ପୋଲିସ ନଂ. ୬୫୦/୨୨ରେ ମାମଲା ରୁଜୁ କରିଛି।

# କବାଡ଼ି ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ଆସିକା,୧୯।୧୧(ଡି.ଏନ.ଏ.)**

ଆସିକା ବିଜ୍ଞାନ ମହାବିଦ୍ୟାଳୟ ଛାତ୍ରାବାସ ପରିସରରେ ଗତ ଗୁରୁବାରଠାରୁ ଚାଲିଥିବା ଆନ୍ତଃ ମହାବିଦ୍ୟାଳୟସ୍ତରୀୟ କବାଡି ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଛି । ଫାଇନାଲ ମ୍ୟାଚ ବୁଗୁଡା ଓ କେନ୍ଦୁପଦର କଲେଜ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚରେ ବୁଗୁଡା କଲେଜ କେନ୍ଦୁପଦର କଲେଜକୁ ପଛରେ ପକାଇ ବିଜୟୀ ହୋଇଛି । ବୁଗୁଡା ୪୦ ପଏଣ୍ଟ ହାସଲ କରିଥିଲା ବେଳେ କେନ୍ଦୁପଦର ଦଳ ୩୪ ପଏଣ୍ଟ ପାଇଥିଲେ। ଖେଳ ପରିଚାଳନା କରିଥିଲେ ଦିଲ୍ଲୀପ କୁମାର ନାୟକ, ଅନିଲ କୁମାର ନାୟକ ଓ ସଚ୍ଚିଦାନନ୍ଦ ଦାସ । ମ୍ୟାଚରେ



ଅତିଥିମାନଙ୍କ ଗହଣରେ ବିଜୟୀ ଦଳ।

ଉତ୍ତମ ଖେଳାଳି ଭାବେ ଆସିକା ବିଜ୍ଞାନ ମହାବିଦ୍ୟାଳୟର ଶିବ ଶଙ୍କର ପ୍ରଧାନ, ଉତ୍ତମ ରଡର ଭାବେ ଗୁରାଣ୍ଡି ଏମ.କେ. ଡିଗ୍ରୀ କଲେଜର ଗଣେଶ ଚିନ୍ତାଲୁ ଏବଂ ଉତ୍ତମ ଅଲରାଉଣ୍ଡର ଭାବେ ବୁଗୁଡା ପିପୁଲ କଲେଜର ଅମରେଶ ପ୍ରଧାନ ବିବେଚିତ ହୋଇଥିଲେ। ଏତଦ ଅବସରରେ ଅଧ୍ୟକ୍ଷ ଡ. ଜୀବାନନ୍ଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ରୂପେ ଆସିକା ତହସିଲଦାର ସଞ୍ଜୟ ସାମନ୍ତରା, ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟ କ୍ରୀଡା ସଂସଦ ସମ୍ପାଦକ ପ୍ରଫେସର ଗଣେଶ୍ୱର ସେଠୀ, ପରିଚାଳନା କମିଟି ସଭାପତି ପ୍ରଫେସର ପ୍ରସନ୍ନ କୁମାର ପ୍ରଧାନ, ସିଟି ମହାବିଦ୍ୟାଳୟ ପିଇଟି ସଚ୍ଚିଦାନନ୍ଦ ଦାସ, ଆସିକା କ୍ରୀଡା ସଂସଦ ସଭାପତି ଦିଲ୍ଲୀପ କୁମାର ପାଣିଗ୍ରାହୀ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ । ମୁଖ୍ୟ ଅତିଥି ସାମନ୍ତରା ବିଜୟୀ ଓ ରନର ଏବଂ ଉତ୍ତମ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଗଞ୍ଜାମ, ଗଜପତି, କନ୍ଧମାଳ ଓ ରାୟଗଡା ଜିଲାର ବିଭିନ୍ନ କଲେଜର ୨୫ ଟିମ୍ ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିଲେ। କ୍ରୀଡା ଅଧ୍ୟାପକ ସନ୍ତୋଷ କୁମାର ପ୍ରଧାନ, ଡ. ବିଜୟ କୁମାର ସିଂ, ସରୋଜ କୁମାର ପଣ୍ଡା, ସୁଧୀର କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।




## ଆଜି କ'ଣ କେଉଁଠି

**ବ୍ରହ୍ମପୁର**
- ରକ୍ତଦାନ ଶିବିର। ସ୍ଥାନ-ସିଦ୍ଧାର୍ଥ ନଗର, ସମୟ-ପୂର୍ବାହ୍ନ ସାଢ଼େ ୧୦ଟା।
- ପଟେଲ ସାହିତ୍ୟ ସଂସଦର ସାହିତ୍ୟ ସମାରୋହ। ସ୍ଥାନ-ଏସ୍‌ଏମ୍‌ଆଇଟି ସଭା ଗୃହ, ସମୟ-ଅପରାହ୍ନ ୪ଟା।
- ଜାତୀୟ ସଂଗୀତ କଳା କେନ୍ଦ୍ରର ପ୍ରତିଷ୍ଠା ଦିବସ। ସ୍ଥାନ-ପ୍ରେମନଗର, ସମୟ-ଅପରାହ୍ନ ସାଢ଼େ ୫ଟା।

**ଫୁଲବାଣୀ**
- ସମବାୟ ସପ୍ତାହ ପାଳନ। ସ୍ଥାନ-ଫୁଲବାଣୀ ଡିଆରସିଏସଙ୍କ ସଭାଗୃହ, ସମୟ- ପୂର୍ବାହ୍ନ ସାଢ଼େ ୧୧ଟା।

**ସୋରଡ଼ା**
- ଯୀଶୁ ଖ୍ରୀଷ୍ଟଙ୍କ ଉତ୍ସବ। ସ୍ଥାନ-ସୋରଡ଼ା ଚର୍ଚ୍ଚ ପଡ଼ିଆ, ସମୟ ଅପରାହ୍ନ ସାଢ଼େ ୫ଟା

# ଓଡ଼ିଶା ବଞ୍ଚାଅ ଅଭିଯାନ ବ୍ରହ୍ମପୁରରୁ ଆରମ୍ଭ

ବ୍ରହ୍ମପୁର ଅଫିସ,୧୯।୧୧

ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ଶାସନରେ ଦେଶର ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ସ୍ଥିତି ସଙ୍କଟଜନକ ହୋଇଛି। ଧର୍ମ ନିରପେକ୍ଷ ଓ ସାମ୍ବିଧାନିକ ବ୍ୟବସ୍ଥା ଏବଂ ଆତ୍ମନିର୍ଭରଶୀଳ ଅର୍ଥନୀତି ବିପର୍ଯ୍ୟସ୍ତ ହୋଇ ବିରୋଧୀ ଦଳଗୁଡ଼ିକ ଉପରେ ଷଣ୍ଢଆସି ଆକ୍ରମଣ କରାଯାଉଛି। ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଲୋପ କରିବାର ହୀନ ଷଡ଼ଯନ୍ତ୍ର ଚାଲିଛି। ଆରଏସ୍‌ଏସ୍ ଓ ଭାଜପା ପକ୍ଷରୁ ହିନ୍ଦୁତ୍ୱବାଦୀ ବିସ୍ତାର ପାଇଁ ଅହରହ ଉଦ୍ୟମ ଅବ୍ୟାହତ ରହିଛି। ରାଜ୍ୟରେ ୧୧ ଦଳକୁ ନେଇ ଗଠିତ ରାଜନୈତିକ ମଞ୍ଚ ଏଭଳି ସଙ୍ଗିନ ଅଭିଯୋଗ କରିଛି।

ସେହିପରି ବିଜେଡି ସରକାର ସବୁ କଥାରେ କେନ୍ଦ୍ରକୁ ମୁକାବିଲା କରିବାକୁ ପଛଘୁଞ୍ଚା ଦେଉଛି। ତେଣୁ ଉଭୟ ସରକାର ମଧ୍ୟରେ ଭିତିରି ସଲାସୁତୁରା ରହିଛି। ଭାଜପା କୂଟନୀତି ଚଳାଇ ରାଜ୍ୟ ସରକାରଙ୍କ କ୍ଷମତା ସଙ୍କୁଚିତ କରିବାରେ ଲାଗିଛି। ବିଜେଡି ଶାସନରେ ବେକାରି ସମସ୍ୟା ବଢ଼ି ଚାଲିଛି ଏବଂ ଦାଦନ ଶ୍ରମିକଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ରାଜ୍ୟର ଖଣିଜ ଓ ଜଙ୍ଗଲ ସମ୍ପଦ ଲୁଟ କରାଯାଉଛି। ସବୁ ସ୍ତରରେ ଦୁର୍ନୀତି ସୀମା ଟପିଛି। ଏଭଳି



ସମ୍ମିଳନୀରେ ଉପସ୍ଥିତ ଅଭିଯାନର ନେତାମାନେ।

- ୧୧ ଦଳକୁ ନେଇ ଗଠିତ ମିଳିତ ମଞ୍ଚ
- ଭାଜପା, ବିଜେଡି, କଂଗ୍ରେସ ଓ ଆପ୍‌କୁ ବାଦ୍
- ପ୍ରଥମ ସମ୍ମିଳନୀରେ ରାଜ୍ୟ ସ୍ୱାର୍ଥରେ ବିଭିନ୍ନ ଦାବି ପ୍ରସ୍ତାବ ଗୃହୀତ

ପରିପ୍ରେକ୍ଷୀରେ ଓଡ଼ିଶାକୁ ବଞ୍ଚାଇବା ନିମନ୍ତେ ୧୧ ରାଜନୈତିକ ଦଳକୁ ନେଇ ମେ' ୨୦ରେ ଗଠନ କରାଯାଇଥିଲା ଓଡ଼ିଶା ବଞ୍ଚାଅ ଅଭିଯାନ। ନଭେମ୍ବର ୧୯ରୁ ବ୍ରହ୍ମପୁରରୁ ଆରମ୍ଭ ହୋଇଛି ଅଭିଯାନ ଓ ଏହି ଅଭିଯାନ ରାଜ୍ୟବ୍ୟାପୀ ଚାଲିବ ଏବଂ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନ ବିରୋଧୀ ନୀତିର ମୁଖା ଖୋଲାଯିବାର ସୂଚନା ଦିଆଯାଇଛି।

ଭାଜପା, ବିଜେଡି, କଂଗ୍ରେସ ଓ ଆମ୍ ଆଦମୀ ପାର୍ଟିକୁ ବାଦ୍‌ଦେଇ ଗଠନ ହୋଇଥିବା ଓଡ଼ିଶା ବଞ୍ଚାଅ ଅଭିଯାନରେ ସିପିଏମ୍, ସିପିଆଇ, ସମତା କ୍ରାନ୍ତି ଦଳ, ସିପିଆଇ (ଏମ୍‌ଏଲ), ଫରୱାର୍ଡ ବ୍ଲକ, ସମାଜବାଦୀ ପାର୍ଟି, ସମୃଦ୍ଧ ଓଡ଼ିଶା, ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି, ରାଷ୍ଟ୍ରୀୟ ଜନତା ଦଳ ଓ ଆରପିଆଇ ସାମିଲ ହୋଇଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସମତା କ୍ରାନ୍ତି ଦଳର ନେତା ବ୍ରଜ କିଶୋର ତ୍ରିପାଠୀ ଏହାର ମୁଖ୍ୟ ଅଛନ୍ତି। ଅଭିଯାନର ପ୍ରଥମ ଓ ଗଞ୍ଜାମ ଜିଲାସ୍ତରୀୟ ସମ୍ମିଳନୀ ଶନିବାର ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟର ମୌଳିକ ସମସ୍ୟାର ନିରାକରଣ ଦାବି ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା।

ବ୍ରଜ ତ୍ରିପାଠୀ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ସିପିଏମ୍ ରାଜ୍ୟ ସମ୍ପାଦକ ଅଳି କିଶୋର ପଟ୍ଟନାୟକ, ସିପିଆଇ ରାଜ୍ୟ ସମ୍ପାଦକ ଅଭୟ ସାହୁ, ଫରୱାର୍ଡ ବ୍ଲକ ନେତା ପୂର୍ଣ୍ଣ ପାଢ଼ୀ, ସମାଜବାଦୀ ପାର୍ଟିର ସୁଦର୍ଶନ ପ୍ରଧାନ ଯୋଗ ଦେଇଥିଲେ। ଗଞ୍ଜାମ ଜିଲା ସିପିଆଇ ସମ୍ପାଦକ ପ୍ରକାଶ ପାତ୍ର, ସିପିଏମ୍‌ର ବରିଷ୍ଠ ନେତା କୈଳାସ ଷଡ଼ଙ୍ଗୀ, ଫରୱାର୍ଡ ବ୍ଲକର ଜିଲା ନେତା ବିଭୁନ୍ଦେନ୍ଦୁ ପାଢ଼ୀ ବିଭିନ୍ନ ଆଲୋଚନାରେ ଭାଗନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ସିପିଏମ୍ ଜିଲା ସମ୍ପାଦକ ଯୁଧିଷ୍ଠିର ବେହେରାଙ୍କ ସମେତ ଜିଲାର ଅନେକ ବାମପନ୍ଥୀ ଓ ଅନ୍ୟ ଦଳର ନେତା ଓ କର୍ମୀ ଉପସ୍ଥିତ ଥିଲେ।

ରାଜ୍ୟ ସ୍ୱାର୍ଥରେ ୩୪ ଦଫା ସମ୍ବଳିତ ମୌଳିକ ଦାବିନେଇ ଆଲୋଚନା ଓ ପର୍ଯ୍ୟାଲୋଚନା କରାଯାଇଥିଲା। ସେଗୁଡ଼ିକ ମଧ୍ୟରେ ଚାଷୀଙ୍କ ସମସ୍ୟାକୁ ଗୁରୁତ୍ୱ ଦିଆଯାଇଛି। ପ୍ରତି ପଞ୍ଚାୟତରେ ଧାନ ମଣ୍ଡି ଖୋଲାଯିବା, ସବୁ ଗ୍ରାମବାସୀଙ୍କୁ ବିଶୁଦ୍ଧ ପିଇବାପାଣି ଯୋଗାଣ, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୩ ହଜାର ଟଙ୍କା ଧାର୍ଯ୍ୟ, ବାସହୀନଙ୍କୁ ଘର ଯୋଗାଇବା, ସରକାରୀ ଓ ଘରୋଇ ସଂସ୍ଥାରେ ଠିକା ନିଯୁକ୍ତି ଉଚ୍ଛେଦ ଓ ନିୟମିତ କରାଯିବା, ଶ୍ରମିକଙ୍କ ୧୨ ଘଣ୍ଟିଆ ଖଟଣି ବନ୍ଦ, ପ୍ରତି ବ୍ଲକରେ ଚାଷୀଙ୍କ ଫସଲ ସୁରକ୍ଷା ନିମନ୍ତେ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ଦାବି କରାଯାଇଛି।

## ଗୁରୁଣ୍ଡିରୁ ନାବାଳିକା ଉଦ୍ଧାର ନାବାଳକଙ୍କୁ ଧରିଛି ପୋଲିସ

**ବ୍ରହ୍ମପୁର ଅଫିସ,୧୯।୧୧:** ଜନୈକା ନାବାଳିକାଙ୍କୁ ବ୍ରହ୍ମପୁର ବଡ଼ବଜାର ଅଞ୍ଚଳରୁ ଅପହରଣ କରାଯାଇଥିବା ବେଳେ ବଡବଜାର ପୋଲିସ ତାଙ୍କୁ ଗୁରୁଣ୍ଡିରୁ ଶନିବାର ଉଦ୍ଧାର କରି ଅପହରଣକାରୀଙ୍କୁ ଧରିଛି। ଅପହରଣକାରୀ ଜଣକ ନାବାଳକ ବୋଲି ପୋଲିସ ସୂଚନା ଦେଇଛି। ଶନିବାର ପୀଡ଼ିତାଙ୍କ ମେଡିକାଲ ଟେଷ୍ଟ ସହ ବୟାନ ରେକର୍ଡ କରାଯାଇଛି। ରବିବାର ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯିବ ବୋଲି ପୋଲିସ କହିଛି। ପ୍ରକାଶ ଯେ, ଆସ୍କା ଅଞ୍ଚଳର ଜନୈକା ନାବାଳିକା ତାଙ୍କ ବାପା ଓ ମା'ଙ୍କ ମୃତ୍ୟୁ ପରେ ବ୍ରହ୍ମପୁରରେ ଥିବା ତାଙ୍କ ଭଉଣୀଙ୍କ ଘରେ ରହୁଥିଲେ। ଗତ ୯ ତାରିଖରେ ସେ ଘରୁ କେଉଁଆଡ଼େ ପଳାଇ ଯାଇଥିଲେ। ଏନେଇ ତାଙ୍କ ଭଉଣୀ ବଡବଜାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୩୦୫/୨୨ରେ ଏକ ମାମଲା ରୁଜୁ କରିଥିଲା। ଘଟଣାର ଅନୁସନ୍ଧାନ ବେଳେ ଅପହରଣକାରୀ ଜଣକ ଉକ୍ତ ନାବାଳିକାଙ୍କୁ ସଦର ଥାନା ଅନ୍ତର୍ଗତ ଗୁରୁଣ୍ଡି ଗ୍ରାମରେ ଏକ ଘର ଭଡ଼ା ନେଇ ରଖିଥିବା ଜଣାପଡିଥିଲା। ସେଠାରେ ପୋଲିସ ଚଢାଉ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅପହରଣକାରୀଙ୍କୁ ଧରିଥିବା କହିଛି।

## ଅଗ୍ନିକାଣ୍ଡରେ ଜଳିଗଲା ୪ କଚ୍ଚାଘର



**ଗୋପାଳପୁର,୧୯।୧୧(ଡି.ଏନ୍.ଏ.):** କନିଷି ତହସିଲ ଅଧୀନ ମେଣ୍ଟରାଜପୁର ଗ୍ରାମରେ ଶୁକ୍ରବାର ରାତିରେ ଅଗ୍ନିକାଣ୍ଡ ଘଟି ତିନୋଟି ପରିବାରର ୪ ଘର ପୋଡ଼ିଯାଇଛି। ମେଣ୍ଟରାଜପୁର ଗ୍ରାମର ଜି. ଗୌରେୟା, ଇ. ପାପେୟା, କେ. ଜୟନ୍ତୀ ରାତିରେ ଶୋଇ ଥିଲେ। ଏହି ସମୟରେ କୌଣସି କାରଣବଶତଃ ହଠାତ୍ ଗୋଟିଏ ଘରେ ନିଆଁ ଲାଗି ଚାରୋଟି ଘରକୁ ବ୍ୟାପି ଯାଇଥିଲା। କୌଶଳକ୍ରମେ ତିନୋଟି ପରିବାର ବାହାରକୁ ଚାଲି ଆସିଥିଲେ। ଖବର ପାଇ କନିଷି ଅଗ୍ନିଶମ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଘରେ ଥିବା ଆସବାବପତ୍ର, ଟଙ୍କା, ଚାଉଳ ଓ ପୋଷାକ ଆଦି ନଷ୍ଟ ହୋଇଯାଇଥିଲା। ଜିଲା ପରିଷଦ ଉପସଭାନେତ୍ରୀ ରାଜେଶ୍ୱରୀ ଦୋରା, ଅଜିତ କୁମାର ଦାଶ, ବିନୋଦ କୁମାର ମହାଙ୍କୁଡ଼, ରାମହରି ପାତ୍ର, ନରେଶ ପାତ୍ର, ମୋହନ ରେଡ୍ଡୀ, ଗୋବିନ୍ଦ ରେଡ୍ଡୀ, ପ୍ରଶାନ୍ତ ଦାଶ ଓ ଅନ୍ୟମାନେ ଘଟଣାସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତ ପରିବାରକୁ ୨ ହଜାର ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏଥିସହ ରାଜସ୍ୱ ବିଭାଗ ପକ୍ଷରୁ ଉକ୍ତ ପରିବାରକୁ ପଲିଥିନ୍ ଓ ପଞ୍ଚାୟତ ତରଫରୁ ଚାଉଳ ଯୋଗାଇ ଦିଆଯାଇଥିଲା। ଅନ୍ୟପକ୍ଷରେ ଭାଜପା ପକ୍ଷରୁ ମଧ ଜିଲା ସଭାପତି ବିଭୂତି ଭୂଷଣ ଜେନାଙ୍କ ନେତୃତ୍ୱରେ ଅଗ୍ନି ବିପନ୍ନ ପରିବାରକୁ ସାକ୍ଷାତ୍ କରି ସମବେଦନା ଜଣାଇବା ସହ ଲୁଗାପଟା, ଚାଉଳ, ଶୀତବସ୍ତ୍ର ଓ ଦୁଇ ହଜାର ଲେଖାଏ ସହାୟତା ପ୍ରଦାନ କରାଯାଇଥିଲା।

## ପୋଖରୀରେ ବୁଡ଼ି ବୃଦ୍ଧା ମୃତ

**ଛତ୍ରପୁର,୧୯।୧୧(ଡି.ଏନ.ଏ.):** ଛତ୍ରପୁର ଥାନା ଅନ୍ତର୍ଗତ ବଡମାଧପୁର ଗ୍ରାମର ତୋଟାବନ୍ଧ ଜଳାଶୟରେ ବୁଡି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ବୃଦ୍ଧା ଜଣକ ହେଲେ ବଡମାଧପୁର ଗ୍ରାମର ଏସ୍. ମାଗି ରେଡ୍ଡୀ (୬୭)। ଶନିବାର ସେ ତୋଟାବନ୍ଧକୁ ଗାଧୋଇବାକୁ ଯାଇ ପାଣିରେ ଟଳିପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଛତ୍ରପୁର ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଥିଲେ।

# ଆକାଶ ବାଇଜୁସ୍‌ର ଜାତୀୟ ସ୍କଲାରଶିପ ପରୀକ୍ଷା

ବ୍ରହ୍ମପୁର ଅଫିସ,୧୯।୧୧

ଟେଷ୍ଟ ପ୍ରସ୍ତୁତି ସେବା ଯୋଗାଇବା କ୍ଷେତ୍ରରେ ଦେଶର ଅଗ୍ରଣୀ ଆକାଶ ବାଇଜୁସ୍ ବାର୍ଷିକ ସ୍କଲାରଶିପ୍ ପରୀକ୍ଷା ଆକାଶ ଜାତୀୟ ହଣ୍ଟ ପରୀକ୍ଷା (ଆନ୍ଥେ) ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମପୁରରୁ ୫୫୩୮ ଛାତ୍ରଛାତ୍ର ଭାଗ ନେଇଥିଲେ। ଚଳିତ ବର୍ଷ ଏହି ପ୍ରତିଷ୍ଠାନକୁ ୨୫ ଲକ୍ଷରୁ ଅଧିକ ପଞ୍ଜୀକରଣ ମିଳିଥିଲା। ଯାହା ୨୦୧୦ରେ ଆନ୍ଥେ ପ୍ରଚଳନ କରାଯିବା ପରେ ପରବର୍ତ୍ତୀ ସମୟରେ ସର୍ବାଧିକ ହୋଇଛି। ଗତ ୫ ତାରିଖରୁ ୧୩ ତାରିଖ ପର୍ଯ୍ୟନ୍ତ ଅନ୍‌ଲାଇନ୍‌ରେ ଓ ନଭେମ୍ବର ୬ ଏବଂ ୧୩ ତାରିଖରେ ଅଫ୍‌ଲାଇନ୍ ମାଧ୍ୟମରେ ଦେଶର ୨୪ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଆୟୋଜିତ ହୋଇଥିଲା। ଆନ୍ଥେର ପୂର୍ବ ସଂସ୍କରଣ ଭଳି ଗ୍ରେଡ୍ ନିର୍ବିଶେଷରେ ୫ ପ୍ରଦର୍ଶନକାରୀଙ୍କ ଅଭିଭାବକଙ୍କୁ ନାସା ଯାତ୍ରା କରିବାର


ପରୀକ୍ଷାରେ ଉପସ୍ଥିତ ଛାତ୍ରୀଛାତ୍ର।

ସୁଯୋଗ ମିଳିବ। ଏଥିସହ ଶୀର୍ଷ ସ୍ଥାନରେ ରହୁଥିବା ଛାତ୍ରୀଛାତ୍ର ୨ ଲକ୍ଷ ଟଙ୍କା ଯାଏ ଅର୍ଥ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହେବେ।

ସୂଚନାଯୋଗ୍ୟ, ମୋଟ ୯୦ ମାର୍କ ପରୀକ୍ଷା କରାଯାଇଥିଲା। ଏଥିମଧ୍ୟରୁ ୩୫ ମଲ୍‌ଟିପଲ ଚଏସ୍ ପ୍ରଶ୍ନ ସ୍ଥାନ ପାଇଥିଲା, ଯାହାକି ଛାତ୍ରୀଛାତ୍ରଙ୍କର ଗ୍ରେଡ୍ ଓ ଷ୍ଟ୍ରିମ୍ ଆଧାରିତ ଥିଲା। ଆକାଶ ବାଇଜୁସ ଆକାଶ ଚୌଧୁରୀ କହିଛନ୍ତି, ସମଗ୍ର ଦେଶରୁ ମିଳୁଥିବା ଉତ୍ସାହକୁ ନେଇ ଆମ୍ଭେ ଅତ୍ୟନ୍ତ ଖୁସି ଅଛୁ। ଛାତ୍ରୀଛାତ୍ରଙ୍କୁ ଏକ ମେଡିକାଲ କଲେଜରେ ସିଟ୍ ପାଇବା ଅଥବା ଆଇଆଇଟି, ଏନ୍‌ଆଇଟି ସହ ଅନ୍ୟ କୌଣସି କେନ୍ଦ୍ର ସରକାରୀ ପରିଚାଳିତ ମହାବିଦ୍ୟାଳୟର ପୋର୍ଟାଲରେ ପ୍ରବେଶ ନିମନ୍ତେ କୋଚିଂ ବୃହତ୍ ପାର୍ଥକ୍ୟ ଆଣିଥାଏ। ଆନ୍ଥେ ଏନ୍‌ଇଟି ଓ ଜେଇଇ ପାଇଁ ଛାତ୍ରୀଛାତ୍ରଙ୍କୁ ସେମାନେ ରହୁଥିବା ସ୍ଥାନରେ ଏବଂ ସେମାନଙ୍କ ସୁବିଧା ଅନୁଯାୟୀ ପ୍ରସ୍ତୁତ କରିବାର ସୁଯୋଗ ପ୍ରଦାନ କରୁଛି ବୋଲି ସେ କହିଛନ୍ତି।

## ଅଟୋ-ବାଇକ୍ ଧକ୍କା, ମହିଳା ମୃତ

ପୁରୁଷୋତ୍ତମପୁର, ୧୯।୧୧ (ଡି.ଏନ.ଏ.)

ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ହୁମ୍ମା-ପୁରୁଷୋତ୍ତମପୁର ମୁଖ୍ୟ ରାସ୍ତା କାରଗିଲ ଛକ ନିକଟରେ ଏକ ଅଟୋ-ବାଇକ ମଧ୍ୟରେ ଶନିବାର ଧକ୍କା ହୋଇଛି। ଏଥିରେ ଅଟୋରେ ବସିଥିବା ବାଲିଆ ଗ୍ରାମର ଦମୟନ୍ତୀ ବେହେରା (୪୦)ଙ୍କ ମୃତ୍ୟୁ ଘଟିଛି। ଅଟୋ (ନଂ ଓଡି ୦୭ ଏଏ ୦୫୨୫)ରେ ଦମୟନ୍ତୀ ଓ ତାଙ୍କ ସ୍ୱାମୀ ସୁରେନ୍ଦ୍ର ବେହେରା କୌଣସି କାର୍ଯ୍ୟରେ ହୁମ୍ମା ଯିବା ବେଳେ କାରଗିଲ ଛକ ନିକଟରେ ବିପରୀତ ଦିଗରୁ ଏକ ବାଇକ୍ (ନଂ ଓଡି ୦୭ ଏଜେ ୨୯୭୩) ଦ୍ରୁତ ଗତିରେ ଆସି ଅଟୋକୁ ଧକ୍କା ଦେଇଥିଲା। ଫଳରେ ଅଟୋଟି ରାସ୍ତା ପାର୍ଶ୍ୱକୁ ଓଲଟି ପଡିଥିଲା। ଏଥିରେ ବସିଥିବା ସ୍ୱାମୀ, ସ୍ତ୍ରୀ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାରକରି ଚିକିତ୍ସା ନିମନ୍ତେ ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ତେବେ ଡାକ୍ତର ଦମୟନ୍ତୀଙ୍କୁ ମୃତ ଘୋଷଣା କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

bmpselfie@gmail.com


@ ସନ୍ତୋଷ


@ ରାଧା


@ ପ୍ରଭାତ


@ ଜୟନ୍ତ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସିଟି ମହାବିଦ୍ୟାଳୟରେ ଅଗ୍ନିବୀର ସଚେତନତା କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ବାୟୁସେନା ପ୍ରତିନିଧିଙ୍କୁ ସମ୍ମାନିତ କରୁଛନ୍ତି।

ବ୍ରହ୍ମପୁର ଅଫିସ,୧୯।୧୧

ଜିଲା ନିଯୁକ୍ତି ସହାୟତା କେନ୍ଦ୍ର ଓ ଭୁବନେଶ୍ୱର ସ୍ଥିତ ବାୟୁସେନା ଚୟନକେନ୍ଦ୍ର ଆନୁକୂଲ୍ୟରେ ଶନିବାର ସହର ଉପକଣ୍ଠସ୍ଥ ସିଟି ମହାବିଦ୍ୟାଳୟରେ ଅଗ୍ନିବୀର ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡ.ଅନୀତା କୁମାରୀ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଏଥିରେ ଅତିଥି ଭାବେ ଗଞ୍ଜାମ ମଡେଲ କ୍ୟାରିୟର ସେଣ୍ଟର ଅଧ୍ୟକ୍ଷ ଜନକ କୁମାରୀ ପାଣ୍ଡ୍ୟା ଯୋଗଦେଇଥିଲେ। ବାୟୁସେନା ପ୍ରତିନିଧି ସର୍ଜନ ମନୀଷ କୁମାର ଓ କର୍ପୋରେଟ୍ ବିକେ ସାହୁ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଉଭୟ ଯୁବକ ଓ ଯୁବତୀମାନେ ବାୟୁସେନାରେ କିଭଳି ଯୋଗଦେଇପାରିବେ ସେ ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମକୁ ଏନ୍‌ସିସି ଅଧିକାରୀ ତଥା ବାଣିଜ୍ୟ ବିଭାଗ ଅଧ୍ୟାପକ ଲ୍ୟୁଟ୍‌ନାଣ୍ଟ ମେଘନାଦ ପ୍ରଧାନ ପରିଚାଳନା କରିଥିଲେ।

# ମହାମାୟୀ ମହିଳା ମହାବିଦ୍ୟାଳୟରେ ଭୋଟର ପଞ୍ଜୀକରଣ ଶିବିର

ବ୍ରହ୍ମପୁର ଅଫିସ,୧୯।୧୧

ମହାମାୟୀ ମହିଳା ମହାବିଦ୍ୟାଳୟରେ ଶନିବାର ଭୋଟର ପଞ୍ଜୀକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ଡ.ଏସ୍. ନାରାୟଣ ରାଓ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଦକ୍ଷିଣାଞ୍ଚଳ ଆରଡିସି ଟି.ଆଓ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ଉପଜିଲାପାଳ କୁଲକର୍ଣ୍ଣି ଆଶୁତୋଷ ସିଂ ଯୋଗଦେଇଥିଲେ। ଭୋଟର ପଞ୍ଜୀକରଣ ଶିବିର ଅବସରରେ ଅତିଥିମାନେ ଛାତ୍ରୀଙ୍କୁ ନାଗରିକଙ୍କ



ଭୋଟର ପଞ୍ଜୀକରଣ ଶିବିରରେ ଯୋଗଦେଇଥିବା ଅଧିକାରୀମାନେ ।

ମୌଳିକ ଅଧିକାର ଓ ଭୋଟର ନିୟମ ସମ୍ପର୍କରେ ଅବଗତ କରାଇଥିଲେ। ଯୁକ୍ତ ୩ ପାଠ୍ୟକ୍ରମର ୧୮ ଓ ୧୯ ବର୍ଷୀୟ ଛାତ୍ରୀମାନଙ୍କୁ ନୂତନ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ସେହିପରି ନିଜ ନିଜ ସ୍ମାର୍ଟଫୋନରେ ଭୋଟର ତାଲିକା ସଂଶୋଧନ, ଆଧାର ଓ ଭୋଟର କାର୍ଡ ଲିଙ୍କ ସମ୍ପର୍କରେ ଜଣାଇଥିଲେ। ଶିବିରରେ ୭୦୦ରୁ ଊର୍ଦ୍ଧ୍ୱ ଛାତ୍ରୀ ନୂତନ ଭାବେ ଭୋଟର ତାଲିକାରେ ପଞ୍ଜୀକୃତ କରିଥିଲେ। କାର୍ଯ୍ୟକ୍ରମରେ ସହକାରୀ ଜିଲାପାଳ ଚିତ୍ରସେନ ଦଳାଇ ଓ ସମୀର କୁମାର ଦାସଙ୍କ ସମେତ ସୁପରଭାଇଜର ରାମନାରାୟଣ ମିଶ୍ରଙ୍କ ସମେତ ଉପଜିଲାପାଳ କାର୍ଯ୍ୟାଳୟର ବହୁ କର୍ମଚାରୀ ଏବଂ ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକମାନେ ଉପସ୍ଥିତ ଥିଲେ।

# ଅଙ୍କୁର ବାର୍ଷିକ ଦିବସ ପାଳିତ



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ।

ବ୍ରହ୍ମପୁର ଅଫିସ,୧୯।୧୧

ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ (ବ୍ରହ୍ମପୁର ସହରାଞ୍ଚଳ-୧) ପକ୍ଷରୁ ୩୨ ନଂ. ୱାର୍ଡ ସ୍ଥିତ ଅଶୋକନଗରଠାରେ ଅଙ୍କୁର ବାର୍ଷିକ ଦିବସ ପାଳିତ ହୋଇଯାଇଛି। ଏଥିରେ ସ୍ଥାନୀୟ କର୍ପୋରେଟର ସୁରେନ୍ଦ୍ର କୁମାର ମହାରଣା ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ୩ ରୁ ୬ ବର୍ଷର ଶିଶୁ ଓ ଅଭିଭାବକ ଉପସ୍ଥିତ ଥିଲେ। ଛୋଟ ଶିଶୁଙ୍କ ମଧ୍ୟରେ ଆଳୁ ଚାମଚ, ବେଙ୍ଗ ଡିଆଁ ଓ ବଲ ଫୋପାଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଅମନ ନାୟକ, ଆଦିତ୍ୟ ନାୟକ, ସାଗର ସାହୁ, ୱାଇ. ପ୍ରିୟାଂଶୁ, ସୋନାଲୀ ସାହୁ ବିଜୟୀ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଙ୍ଗନୱାଡି କର୍ମୀ ମିତାଞ୍ଜଳି ଶତପଥୀ, ଏ.ଗାୟତ୍ରୀ ନାଇଡୁ ଓ ପ୍ରିୟଙ୍କା ପାତ୍ର ପରିଚାଳନାରେ ସହଯୋଗ କରିଥିଲେ।

## ଜି.ଉଦୟଗିରି: ସର୍ବନିମ୍ନ ତାପମାତ୍ରା ୮.୪ ଡିଗ୍ରୀ ସେଲସିୟସ୍

ଜି.ଉଦୟଗିରି, ୧୯।୧୧ (ଡି.ଏନ.ଏ.)

ଜି.ଉଦୟଗିରି ସହର ସମେତ ଆଖପାଖ ଅଞ୍ଚଳରେ ଏକ ସପ୍ତାହ ହେବ ଶୀତ ଲହରୀ ଜାରି ରହିଛି। ଶନିବାର ସର୍ବନିମ୍ନ ତାପମାତ୍ରା ୮.୪ ଡିଗ୍ରୀ ସେଲସିୟସ୍ ରହିଛି। ମଙ୍ଗଳବାର ଏହି ସପ୍ତାହର ସର୍ବନିମ୍ନ ତାପମାତ୍ରା ୭.୨ ଡିଗ୍ରୀ ସେଲସିୟସ୍ ରହିଥିଲା। ପ୍ରବଳ ଶୀତ ଯୋଗୁ ସକାଳୁ ଘରୁ ବାହାରକୁ ବାହାରିବା କଷ୍ଟ ହେଉଛି। ବିଶେଷ କରି ମୁକୁଲିଙ୍ଗିଆ ଓ କଟାବାଲିରେ ପ୍ରବଳ ଶୀତ ଅନୁଭୂତ ହେଉଛି ବୋଲି ଗ୍ରାମବାସୀ କହିଛନ୍ତି। ବୃଦ୍ଧ ଓ ଶିଶୁମାନେ ଶୀତ ଯୋଗୁ ଅସୁବିଧା ଭୋଗୁଛନ୍ତି। ଘନ କୁହୁଡି ଯୋଗୁ ଯାନବାହନ ଚଳାଚଳ ପ୍ରଭାବିତ ହେଉଛି।

# ଆରୋଗ୍ୟମ୍ ମାଧ୍ୟମରେ ବସ୍ତି ବାସିନ୍ଦାଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ହେବ

ବ୍ରହ୍ମପୁର ଅଫିସ,୧୯।୧୧

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ଅନ୍ତର୍ଗତ ସମସ୍ତ ବସ୍ତି ବାସିନ୍ଦାଙ୍କ ଘରୋଇ ସ୍ୱାସ୍ଥ୍ୟ ଯାଞ୍ଚ ପାଇଁ ଆରୋଗ୍ୟମ୍ କାର୍ଯ୍ୟକ୍ରମ ଶନିବାର ଉଦ୍‌ଘାଟିତ ହୋଇଛି। ଏ ନେଇ ବିଏମ୍‌ସି ନୂତନ ସମ୍ମିଳନୀ କକ୍ଷରେ ଏକ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡିଶା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ.ନିରଞ୍ଜନ ମିଶ୍ର, ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା, ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ.ବିବେକ ରେଡ୍ଡୀ, ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ବିଏମ୍‌ସି କମିଶନର ଜେ.ସୋନାଲ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଉମା ଶଙ୍କର ମିଶ୍ର, ଅତିରିକ୍ତ ସହରାଞ୍ଚଳ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ମନୋଜ କୁମାର ପଣ୍ଡା, ସହରାଞ୍ଚଳ ସ୍ୱାସ୍ଥ୍ୟ ଅଧିକାରୀ ଡ.ମାନସ ରଞ୍ଜନ ପଣ୍ଡା, ଜିଲା କାର୍ଯ୍ୟକ୍ରମ ପରିଚାଳକ ଶ୍ୟାମ ସୁନ୍ଦର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ବର୍ତ୍ତମାନ ସଂକ୍ରାମକ ଓ ଅଣ ସଂକ୍ରାମକ ରୋଗ ସମଗ୍ର ବିଶ୍ୱରେ ଅଧିକ



ବୈଠକରେ ଉପସ୍ଥିତ ଅଧିକାରୀ ବୃନ୍ଦ।

ମୃତ୍ୟୁ ହାରକୁ ଦର୍ଶାଇଛି। ଅଣସଂକ୍ରାମକ ରୋଗକୁ ଦୀର୍ଘ ସ୍ଥାୟୀ ରୋଗ କୁହାଯାଏ। କିନ୍ତୁ ପ୍ରତିରୋଧ, ଜୀବନ ଶୈଳୀରେ ପରିବର୍ତ୍ତନ, ଶୀଘ୍ର ଚିହ୍ନଟ, ନିୟମିତ ଚିକିତ୍ସା ଓ ଅନୁସନ୍ଧାନ ଦ୍ୱାରା ସୁସ୍ଥ ଜୀବନଯାପନ କରାଯାଇପାରେ ବୋଲି ଉପସ୍ଥିତ ଅଧିକାରୀମାନେ କହିଥିଲେ।

୧୫ ଡିସେମ୍ବରରୁ ୨୫ ଯାଏ ଜିଆଇଏସ୍ ମ୍ୟାପିଂ କରାଯିବ। ଉକ୍ତ ସମସ୍ତ କାର୍ଯ୍ୟ ପାଇଁ ୭୬.୫୩ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ସୂଚନା ମିଳିଛି। ଆଗାମୀ ଦିନରେ ଯଦି ଯୋଜନା ସଫଳ ହୁଏ ତେବେ ଅଣ ବସ୍ତି ଅଞ୍ଚଳରେ ମଧ ପୁନଃକରଣ କରାଯିବ ବୋଲି କୁହାଯାଇଛି। କାର୍ଯ୍ୟକ୍ରମରେ ସମସ୍ତ ୱାର୍ଡର କର୍ପୋରେଟର, ସ୍ୱାସ୍ଥ୍ୟ ପରିଚାଳନା କର୍ମୀଗଣ ଓ ଗୃହ ପରିଭ୍ରମଣ ଯାଞ୍ଚ ଗୋଷ୍ଠୀ ଉପସ୍ଥିତ ଥିଲେ। ପ୍ରଥମ ପର୍ଯ୍ୟାୟରେ ବିଏମ୍‌ସି ଅନ୍ତର୍ଗତ ୧୦ ନଂ. ୱାର୍ଡ ସ୍ଥିତ ଆଇନାବନ୍ଧ ସାହିଠାରେ ବସ୍ତି ବାସିନ୍ଦାଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇଥିଲା।

